# NATIONAL NEWS BULLETIN (ODIA)

## 23 April - 2025

### Morning Bulletin : 7.15 a.m.

*******************************************

## ମୁଖ୍ୟ ସମ୍ବାଦ

- ଜାମ୍ମୁ କାଶ୍ମୀର ଆତଙ୍କବାଦୀ ଘଟଣାରେ କଡ଼ାକଡ଼ି ହେଲା ସୁରକ୍ଷା ବ୍ୟବସ୍ଥା ।

– କ୍ଷେତ୍ରିୟ ସମୀକ୍ଷା ନେଇ ଆକ୍ରମଣ ସ୍ଥଳକୁ ଆଜି ଗସ୍ତ କରିବେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

– ସାଉଦି ଆରବ ଗସ୍ତକୁ କାଣ୍ଟଛାଣ୍ଟ କରି ପ୍ରତ୍ୟାବର୍ତ୍ତନ କରୁଛନ୍ତି ପ୍ରଧାନମନ୍ତ୍ରୀ ।

- ଜଳବାୟୁ ସହନଶୀଳ, ନୂତନ ଫସଲ ପ୍ରଜାତିକୁ ବିକଶିତ କରାଯାଉଛି ବୋଲି ସୂଚନା ଦେଲେ କୃଷି ମନ୍ତ୍ରୀ ।

- ଦେଶର ଇସ୍ପାତ୍ କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ଘଟିଛି ବୋଲି କହିଲେ, ଇସ୍ପାତ୍ ଓ ଭାରିଶିଳ୍ପ ରାଷ୍ଟ୍ରମନ୍ତ୍ରୀ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଗତକାଲିର ମ୍ୟାଚ୍‌ରେ ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍‌କୁ ୮ ୱିକେଟ୍‌ରେ ପରାସ୍ତ କଲା ଦିଲ୍ଲୀ କ୍ୟାପିଟାଲ୍ସ ।

# ଜେକେ–ଟେରୋରିଷ୍ଟ ଆଟାକ୍

ଜାମ୍ମୁ କାଶ୍ମୀରର ପହଲଗାମ୍‌ରେ ଗତକାଲି ଆତଙ୍କବାଦୀ ଆକ୍ରମଣ ଘଟଣାରେ କେତେକ ପର୍ଯ୍ୟଟକଙ୍କର ମୃତାହତ ପରେ ସେଠାରେ ସୁରକ୍ଷା ବ୍ୟବସ୍ଥାକୁ ବୃଦ୍ଧି କରାଯାଇଛି । ଶ୍ରୀନଗର ଠାରୁ ୮୫ କିଲୋମିଟର ଦୂର ଦକ୍ଷିଣ କାଶ୍ମୀରର ଅନନ୍ତନାଗ ଜିଲ୍ଲାରେ ଏହି ଆକ୍ରମଣ ହୋଇଛି । ସେଠାରେ ସେନା, ସି.ଆର୍.ପି.ଏଫ୍. ଏବଂ ଜାମ୍ମୁ କାଶ୍ମୀର ପୁଲିସ୍‌ର ମିଳିତ ତଲାସୀ ଅଭିଯାନ ଜାରି ରହିଛି । ପହଲଗାମ୍‌ର ଆକ୍ରମଣ ସ୍ଥଳରୁ ୫ କିଲୋମିଟର ବ୍ୟାସାର୍ଦ୍ଧ ପରିମିତ ଅଞ୍ଚଳକୁ ଏହି ଅଭିଯାନରେ ଅନ୍ତର୍ଭୁକ୍ତ କରାଯାଇଛି । ଆକ୍ରମଣକାରୀଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ବାହିନୀ, ସନ୍ଧାନୀ କୁକୁର ଏବଂ ଅନ୍ୟାନ୍ୟ ବୈଷୟିକ ବ୍ୟବସ୍ଥା ନିୟୋଜିତ କରାଯାଇଛି । ରାଜପଥ ଏବଂ ସମ୍ବେଦନଶୀଳ ଅଞ୍ଚଳ ଗୁଡ଼ିକରେ ଅତିରିକ୍ତ ଚେକ୍‌ପୋଷ୍ଟ ସ୍ଥାପନ କରାଯିବା ସହ ପ୍ରମୁଖ ପ୍ରତିଷ୍ଠାନ ଏବଂ ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକରେ ତ୍ୱରିତ କ୍ରୀୟାନୁଷ୍ଠାନ ବାହିନୀ ମୁତୟନ ହୋଇଛନ୍ତି ।

ଉତ୍ତର ସେନା କମାଣ୍ଡର ଲେଫ୍ଟନାଣ୍ଟ ଜେନେରାଲ୍ ଏମ୍.ଭି. ସୁଚେନ୍ଦ୍ର କୁମାରଙ୍କୁ ଆଜି ଶ୍ରୀନଗର ସ୍ଥାନୀୟ ସୁରକ୍ଷା ବାହିନୀ ପକ୍ଷରୁ ଉପତ୍ୟକାର ସାମ୍ପ୍ରତିକ ସ୍ଥିତି ନେଇ ଅବଗତ କରାଇବେ । ଶ୍ରୀନଗର, ଗୁଲମାର୍ଗ ଓ ଅନ୍ୟାନ୍ୟ ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକରେ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ପର୍ଯ୍ୟଟକଙ୍କ ରହଣୀ ସ୍ଥଳ ଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି । ଉଦ୍ଧାର ଏବଂ ଚିହ୍ନଟ କାର୍ଯ୍ୟ ଜାରି ରହିଥିବାରୁ

ମୃତକଙ୍କ ଚୂଡ଼ାନ୍ତ ତଥ୍ୟ ସ୍ପଷ୍ଟ ହୋଇନାହିଁ ବୋଲି ସୁରକ୍ଷା ସଂସ୍ଥା ସୂଚନା ଦେଇଛି ।

ପର୍ଯ୍ୟଟକଙ୍କ ସମ୍ପର୍କରେ ସୂଚନା ପ୍ରଦାନ ଲକ୍ଷ୍ୟ ନେଇ ଜାମ୍ମୁ କାଶ୍ମୀର ସରକାରଙ୍କ ପକ୍ଷରୁ ୨୪ ଘଣ୍ଟିଆ ଜରୁରୀକାଳୀନ ହେଲ୍ପଲାଇନ୍ ନମ୍ବର ଜାରି କରାଯାଇଛି ।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଗତକାଲି ଶ୍ରୀନଗରରେ ବରିଷ୍ଠ ସୁରକ୍ଷା ଅଧିକାରୀଙ୍କ ସହ ବୈଠକରେ ପରିସ୍ଥିତିର ସମୀକ୍ଷା କରିଛନ୍ତି । ଶ୍ରୀ ଶାହା ଆଜି ଉପରାଜ୍ୟପାଳ ମନୋଜ ସିହ୍ନାଙ୍କ ସହ ଆକ୍ରମଣ ସ୍ଥଳ ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି । ପ୍ରତ୍ୟକ୍ଷଦର୍ଶୀଙ୍କ ସହ ଆଲୋଚନା କରିବା ସହିତ ଡାକ୍ତରଖାନାକୁ ଯାଇ ଚିକିତ୍ସାଧୀନ ଆହତଙ୍କ ସହ କଥାବାର୍ତ୍ତା କରିବେ । ସ୍ୱରାଷ୍ଟ୍ର ମନ୍ତ୍ରୀ ଗତ ରାତିରେ ଶ୍ରୀନଗରରେ ପହଞ୍ଚିଛନ୍ତି । ଏହା ପୂର୍ବରୁ ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ସେଠାକାର ଅଧିକାରୀଙ୍କ ସହ ଶ୍ରୀ ଶାହା ଆଲୋଚନା କରିଥିଲେ । ଏହି ଆତଙ୍କବାଦୀ କାର୍ଯ୍ୟରେ ଜଡ଼ିତ ଥିବା ଲୋକଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

# ପିଏମ୍

ସାଉଦିଆରବ ଗସ୍ତକୁ କାଣ୍ଟଛାଣ୍ଟ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରତ୍ୟାବର୍ତ୍ତନ କରୁଛନ୍ତି । ଜାମ୍ମୁ କାଶ୍ମୀର ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣା ପରିପ୍ରେକ୍ଷୀରେ ଶ୍ରୀ ମୋଦୀ ଏହି ନିଷ୍ପତ୍ତି ନେଇଛନ୍ତି । ଆଜି

ରାତିରେ ତାଙ୍କର ଗସ୍ତ ଶେଷ କରି ପ୍ରଧାନମନ୍ତ୍ରୀ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟସୂଚୀ ରହିଥିଲା । ପ୍ରଧାନମନ୍ତ୍ରୀଙ୍କର ସାଉଦିଆରବ ଗସ୍ତ ସଫଳ ରହିଥିଲା ବୋଲି ଆମ ସମ୍ବାଦଦାତା ସୂଚନା ଦେଇଛନ୍ତି । ସେ କହିଛନ୍ତି :

**V/O-VINOD KUMAR**

# ୱାର୍ଲ୍ଡ ଲିଡର୍ସ୍ କଣ୍ଡେମିନେସନ୍

ଜାମ୍ମୁ କାଶ୍ମୀର ଆତଙ୍କବାଦୀ ଆକ୍ରମଣ ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୃଢ଼ ନିନ୍ଦା କରିଛନ୍ତି । ରାଷ୍ଟ୍ରପତି କହିଛନ୍ତି, ଏହି ଦୁଃଖଦ ଏବଂ ମାନବବାଦ ବିରୋଧି ଘଟଣାକୁ ଦୃଢ଼ ନିନ୍ଦା କରାଯିବା ଉଚିତ । ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଏହି ଘଟଣାରେ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିବା ସହ ଆହତଙ୍କ ଆଶୁଆରୋଗ୍ୟ କାମନା କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ଘଟଣାରେ ପ୍ରଭାବିତ ଲୋକଙ୍କୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯିବ । ଏହି ଘଟଣାରେ ଜଡ଼ିତ ଲୋକଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

ଏହି ଆକ୍ରମଣ ଘଟଣାକୁ ମଧ୍ୟ ବିଶ୍ୱସ୍ତରରେ ନିନ୍ଦା କରାଯାଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏହି ଘଟଣାକୁ ନେଇ ସମବେଦନା

ଜ୍ଞାପନ କରିବା ସହ କହିଛନ୍ତି, ଆତଙ୍କବାଦ ବିରୁଦ୍ଧରେ ଭାରତକୁ ଆମେରିକା ଦୃଢ଼ ସମର୍ଥନ କରୁଛି । ମୃତକଙ୍କ ଆତ୍ମାର ସଦ୍‌ଗତି କାମନା କରିବା ସହ ଆହତଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ କହିଛନ୍ତି, ଏଭଳି ନୃଶଂଶ ଅପରାଧର କୌଣସି ଯଥାର୍ଥତା ନାହିଁ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏ ଘଟଣା ପାଇଁ ସେ ସମବେଦନା ଜ୍ଞାପନ କରିଛନ୍ତି । ୟୁ.ଏ.ଇ. ଏବଂ ଇରାନ୍ ଏହି ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି । ଯୁକ୍ତରାଷ୍ଟ୍ର ଆମେରିକାର ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ଆତଙ୍କବାଦୀ ଆକ୍ରମଣ ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି ।

## ଚଣ୍ଡିଗଡ଼-ଶିବରାଜ ସିଂହ

କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି, ଜଳବାୟୁ ପରିବର୍ତ୍ତନ ପରିସ୍ଥିତି ନେଇ ଭାରତ ସମ୍ପୂର୍ଣ୍ଣ ଅବଗତ ରହିଛି । ଜଳବାୟୁ ସହନଶୀଳ ଏବଂ କୃଷି ଉତ୍ପାଦନ ବଜାୟ ରଖିବାରେ ସହାୟକ ହେଉଥିବା ନୂତନ ଫସଲ ପ୍ରଜାତି ବିକଶିତ କରାଯାଉଛି ବୋଲି ସେ କହିଛନ୍ତି । ହରିଆଣାର କର୍ଣ୍ଣାଲ୍ ସ୍ଥିତ ଜାତୀୟ ଦୁଗ୍ଧ ଗବେଷଣା ପ୍ରତିଷ୍ଠାନରେ ଗତକାଲି ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ଚୌହାନ ଏହା କହିଛନ୍ତି ।

**V/O-SIBARAJ SINGH**

ସେ କହିଛନ୍ତି, କୃଷି କ୍ଷେତ୍ର ପାଇଁ ସରକାରଙ୍କ ପକ୍ଷରୁ ୬ଟି ଆଧାରରେ ପଦକ୍ଷେପ ଗ୍ରହଣ କରାଯାଇଛି । ସେ ଗୁଡ଼ିକ ମଧ୍ୟରେ ଉତ୍ପାଦକତା ବୃଦ୍ଧି, ନୂତନ ଫସଲ ପ୍ରଜାତିର ବିକାଶ, ବୈଷୟିକ ଜ୍ଞାନକୌଶଳ ମାଧ୍ୟମରେ ଖର୍ଚ୍ଚ ହ୍ରାସ ଆଦି ଅନ୍ତର୍ଭୁକ୍ତ । ପାରମ୍ପରିକ କୃଷିକୁ ସରକାର ପ୍ରାଧାନ୍ୟ ଦେଉଛନ୍ତି ବୋଲି ସେ କହିଛନ୍ତି ।

## ଇଣ୍ଡିଆ-ଷ୍ଟିଲ୍ ୨୦୨୫

ଦେଶର ଇସ୍ପାତ୍ କ୍ଷେତ୍ରରେ ଗତ ୧୦ ବର୍ଷ ମଧ୍ୟରେ ଦ୍ରୁତ ଅଭିବୃଦ୍ଧି ଘଟିଛି ବୋଲି ଇସ୍ପାତ୍ ଓ ଭାରିଶିଳ୍ପ ରାଷ୍ଟ୍ର ମନ୍ତ୍ରୀ ଭୂପତି ରାଜୁ ଶ୍ରୀନିବାସ ବର୍ମା କହିଛନ୍ତି । ଗତକାଲି ଇଣ୍ଡିଆ ଷ୍ଟିଲ୍ ୨୦୨୫ ସମ୍ପର୍କରେ ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ବର୍ମା କହିଛନ୍ତି, ଭାରତ ବିଶ୍ୱର ଦ୍ୱିତୀୟ ବୃହତମ ଅଶୋଧିତ ଇସ୍ପାତ୍ ଉତ୍ପାଦନକାରୀ ଦେଶ ହୋଇଛି । ମୁମ୍ବାଇରେ ଆସନ୍ତାକାଲି ଠାରୁ ଇଣ୍ଡିଆ ଷ୍ଟିଲ୍ ୨୦୨୫ ଆନ୍ତର୍ଜାତିକ ସମ୍ମିଳନୀ ଏବଂ ପ୍ରଦର୍ଶନୀର ଷଷ୍ଠ ସଂସ୍କରଣ ଆରମ୍ଭ ହେବ । ଇସ୍ପାତ୍ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଇସ୍ପାତ୍ ଏବଂ ଆନୁସଙ୍ଗୀକ ଶିଳ୍ପ କ୍ଷେତ୍ରର ସମସ୍ତ ଅଂଶିଦାରଙ୍କୁ ଏକାଠି କରିବାର ଲକ୍ଷ୍ୟ ରଖାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଦିନ ଭର୍ଚୁଆଲ୍ ମାଧ୍ୟମରେ ଏହି ସମ୍ମିଳନୀକୁ ସମ୍ବୋଧନ କରିବେ ବୋଲି ସେ ସୂଚନା ଦେଇଛନ୍ତି । ବିଭିନ୍ନ ରାଷ୍ଟ୍ରର ପ୍ରତିନିଧି ଏହି ତିନିଦିନିଆ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ବୋଲି ସେ କହିଛନ୍ତି ।

## ଏମ୍‌ଏସ୍‌ଡିଇ-ମାଇକ୍ରୋସଫ୍ଟ

ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକରେ ଛାତ୍ରୀଙ୍କୁ କୃତ୍ରିମ ବୁଦ୍ଧିମତ୍ତାରେ କ୍ୟାରିୟର୍ ଗଠନ କରିବା ଲକ୍ଷ୍ୟ ନେଇ ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି । ଏ ନେଇ ମନ୍ତ୍ରଣାଳୟ ଏବଂ ମାଇକ୍ରୋସଫ୍ଟ କମ୍ପାନୀ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏ.ଆଇ. ଦକ୍ଷତା ଏବଂ ଉଦ୍ଭାବନ ଢାଞ୍ଚା ଆଧାରରେ ମାଇକ୍ରୋସଫ୍ଟ ଛାତ୍ରୀମାନଙ୍କୁ ୨୪୦ ଘଣ୍ଟିଆ ପ୍ରଶିକ୍ଷଣ ପାଠ୍ୟକ୍ରମ ପ୍ରଦାନ କରିବ । ମନ୍ତ୍ରଣାଳୟ ଏ ସମ୍ପର୍କରେ ସୂଚନା ଦେଇ କହିଛି, ୬ଟି ରାଜ୍ୟର ୩୦ଟି ଉତ୍କର୍ଷ କେନ୍ଦ୍ର ଏବଂ ୧୫୦ଟି ଶିକ୍ଷାନୁଷ୍ଠାନରେ ଏହି ପ୍ରଶିକ୍ଷଣ ପ୍ରଦାନର ବ୍ୟବସ୍ଥା କରାଯିବ । ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ସିଂହ କହିଛନ୍ତି, ଏକ ସମାବେଶୀ ଓ ଭବିଷ୍ୟତ ପାଇଁ ମାନବ ସମ୍ବଳ ସୃଷ୍ଟି କରିବା ଲକ୍ଷ୍ୟ ନେଇ ସରକାରଙ୍କ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ମାଇକ୍ରୋସଫ୍ଟ ସହଭାଗିତାରେ ମହିଳାଙ୍କ ପାଇଁ ଏ.ଆଇ. କ୍ଷେତ୍ରରେ ବ୍ୟାପକ ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ର ଗତକାଲିର ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ବିଜୟୀ ହୋଇଛି । ଲକ୍ଷ୍ନୌର ଏକନା ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ୮ ୱିକେଟ୍‌ରେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍‌କୁ

ପରାସ୍ତ କରିଛି । ଟସ୍ ଜିତି ଦିଲ୍ଲୀ ପ୍ରଥମେ ବ୍ୟାଟିଂ କରିବାକୁ ଲକ୍ଷ୍ନୌକୁ ଆମନ୍ତ୍ରଣ କରିଥିଲା । ନିର୍ଦ୍ଧାରିତ ୨୦ ଓଭରରେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ୬ ୱିକେଟ୍ ବିନିମୟରେ ୧୫୯ରନ୍ ସଂଗ୍ରହ କରିଥିଲା । ବିଜୟ ଲକ୍ଷ୍ୟକୁ ଦିଲ୍ଲୀ ୧୭ ଓଭର ୫ଟି ବଲ୍‌ରେ ୨ ୱିକେଟ୍ ବିନିମୟରେ ହାସଲ କରିପାରିଥିଲା । ଦଳ ପକ୍ଷରୁ ପୋରେଲ ଏବଂ କେ.ଏଲ୍. ରାହୁଲ୍ ଅର୍ଦ୍ଧଶତକ ହାସଲ କରିଥିଲେ । ଦିଲ୍ଲୀ କ୍ୟାପିଟାଲ୍ସର ମୁକେଶ କୁମାର ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ସେ ୩୩ ରନ୍ ବିନିମୟରେ ୪ଟି ୱିକେଟ୍ ଅକ୍ତିଆର କରିଥିଲେ ।

ଆଜି ସନ୍‌ରାଇଜର୍ସ ହାଇଦ୍ରାବାଦ୍ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମୁକାବିଲା ହେବ । ହାଇଦ୍ରାବାଦ୍‌ର ରାଜୀବ ଗାନ୍ଧି ଆନ୍ତର୍ଜାତିକ ଷ୍ଟାଡିୟମ୍ ଠାରେ ସନ୍ଧ୍ୟା ସାଢ଼େ ୭ଟାରେ ଏହି ମ୍ୟାଚ୍ ଖେଳାଯିବ ।